**ସଂକ୍ଷେପରେ**

## ରେଳଧାରଣାରୁ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ ୧୫।୧୦**-ସରକାରୀ ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ଅପରାହ୍ନ ପ୍ରାୟ ୩ ଟାରେ ବ୍ରହ୍ମପୁର ରେଳଷ୍ଟେଶନ ଶେଷ ମୁଣ୍ଡରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଲକ୍ଷ୍ମୀନୃସିଂହ ସାହିର ଭାସ୍କର ସାହୁ (୪୦) । ଘରୋଇ କଳିରୁ ସେ ଆତ୍ମହତ୍ୟା ଉଦ୍ଦେଶ୍ୟରେ ରେଳ ଧାରଣାରେ ଶୋଇଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ.୫୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ସଂରକ୍ଷଣ ଗୃହରେ ରଖାଯାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଦେବରାଜ ସାହିତ୍ୟାନୁଷ୍ଠାନର ଶାରଦୀୟ ଆସର

**ବ୍ରହ୍ମପୁର ଅଫିସ, ୧୫।୧୦:** ଦେବରାଜ ସାହିତ୍ୟାନୁଷ୍ଠାନର ଶାରଦୀୟ ଆସର ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ଅନୁଷ୍ଠିତ ହୋଇଯାଇଛି। ଡ. ଲକ୍ଷ୍ମୀ ନାରାୟଣ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସାହିତ୍ୟିକା ଦେବୀପ୍ରଭା ରଥ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାବନ୍ଧିକ ଡ.ଚନ୍ଦ୍ରମଣି ସ୍ୱାଇଁ ଯୋଗଦେଇଥିଲେ। ଗାଳ୍ପିକା ଭାଗ୍ୟଲକ୍ଷ୍ମୀ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାରତ୍ନ ଇଂ. ପ୍ରଫୁଲ୍ଲ ତ୍ରିପାଠୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରକୁ ସୁଚେତା ପାଣିଗ୍ରାହୀ ଓ ଫାଲ୍‌ଗୁନୀ ଦାଶ ସଂଯୋଜନା କରିଥିଲେ। ସ୍ୱର୍ଣ୍ଣମୟୀ ପାଢ଼ୀ, କ୍ଷଣପ୍ରଭା ଶତପଥୀ, ଭୁବନେଶ୍ୱର ସାହୁ, କାଳିନ୍ଦୀ ଚରଣ ନାୟକ ଓ ପୀତବାସ ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସୁନନ୍ଦା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ପୁସ୍ତକ ଉନ୍ମୋଚିତ

**ବ୍ରହ୍ମପୁର ଅଫିସ୍,୧୫।୧୦:** ବିଜିପୁର ଆପନା ପାତ୍ରସାହି ନିବାସୀ ଲୋକନାଥ ସାବତ ଏବଂ ହରପ୍ରିୟା ସାବତଙ୍କ କନ୍ୟା ତଥା ବମ୍ବେରେ ସାମୁଦ୍ରିକ ଯନ୍ତ୍ରୀ ସ୍ନିଗ୍ଧା ସାବତଙ୍କ ପୁସ୍ତକ 'ଯାତ୍ରା ଲିଲିକି- ଏକ କତ୍‌ୱା ସଚ୍' ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି । ହିନ୍ଦୀ ଭାଷାରେ ଲେଖାଯାଇଥିବା ଏହି ପୁସ୍ତକକୁ ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଭୂତତ୍ତ୍ୱ ବିଜ୍ଞାନ ପ୍ରାଧ୍ୟାପକ ଡ. ମାୟାଧର ସାହୁ ଏବଂ ସମ୍ମାନିତ ଅତିଥି ଭାବେ ବିନାୟକ ଆଚାର୍ଯ୍ୟ କଲେଜ ହିନ୍ଦି ଅଧ୍ୟାପକ ଗଙ୍ଗାଧର ବେହେରା ଓ ସ୍ନିଗ୍ଧାଙ୍କ ବାପା ଲୋକନାଥ ସାବତ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧରେ ସେନା ଅଧିକାରୀ ପଞ୍ଚାନନ ସାମଲ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଆନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

**■ 'ଆହାର' କେନ୍ଦ୍ରରେ ଖାଇଲେ ଏମ୍‌ପି, ବିଧାୟକ**

# ଖାଦ୍ୟ ପ୍ରସ୍ତୁତିକୁ ପ୍ରଶଂସା, ଅବ୍ୟବସ୍ଥାକୁ ଗାଳି

**ବ୍ରହ୍ମପୁର ଅଫିସ୍,୧୫।୧୦**

ବ୍ରହ୍ମପୁର ନୂଆବସ୍‌ଷ୍ଟାଣ୍ଡରେ ଥିବା 'ଆହାର' କେନ୍ଦ୍ରକୁ ମଙ୍ଗଳବାର ପରିଦର୍ଶନରେ ଯାଇଥିଲେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡା। ପୂର୍ବାହ୍ନରେ କେନ୍ଦ୍ରରେ ପହଞ୍ଚିବା ପରେ ଖାଦ୍ୟ ଖାଉଥିବା ଲୋକମାନଙ୍କ ସହ ଆଲୋଚନା କରିଥିଲେ। ଖାଦ୍ୟର ମାନ ପରଖିବା ପାଇଁ ନିଜେ ଖାଇ ସନ୍ତୁଷ୍ଟ ହୋଇଥିଲେ। ମାନ ଠିକ୍ ଥିବାରୁ ପ୍ରଶଂସା କରିଥିଲେ। ହେଲେ କେନ୍ଦ୍ରରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଆବର୍ଜନ ଜଳ ନିଷ୍କାସନ ନ ହୋଇ ଭାସିବା, ସଫା ସୁତରା ନ ଥିବା ଏବଂ ପିଇବା ପାଇଁ ପାଣି ନ ଥିଲା। ଏହାକୁ ନେଇ ଉଭୟ ନେତା ଅସନ୍ତୋଷ ପ୍ରକାଶ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ଯନ୍ତ୍ରୀଙ୍କୁ ଡାକି ତାଗିଦ୍ କରିବା ସହ ତୁରନ୍ତ କେନ୍ଦ୍ର ପରିମଳ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଗ୍ରାମାଞ୍ଚଳରୁ ବିଭିନ୍ନ କାମ ପାଇଁ ବ୍ରହ୍ମପୁର ଆସୁଥିବା ଏବଂ ସହରର ଗରିବ ଶ୍ରେଣୀ ଲୋକଙ୍କ ପାଇଁ ମୋଟ ୬ ଆହାର କେନ୍ଦ୍ର ରହିଛି। ସେଥିରୁ ନୂଆବସ୍‌ଷ୍ଟାଣ୍ଡ କେନ୍ଦ୍ର ଅନ୍ୟତମ। ଏଠାରେ ଦୈନିକ ୫ଶହ ଲୋକଙ୍କ ପାଇଁ ଖାଦ୍ୟ ପରଶା ଯାଉଛି। 'ମାନ୍ନା ଟ୍ରଷ୍ଟ' ପକ୍ଷରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ତେବେ ଏହି କେନ୍ଦ୍ରରେ ନାନା ଅବ୍ୟବସ୍ଥା ନେଇ ପୂର୍ବରୁ ବହୁଥର ଅଭିଯୋଗ ହୋଇଛି। ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶେଷରେ ମଙ୍ଗଳବାର ଉଭୟ ଏମ୍‌ପି ସାହୁ ଏବଂ ବିଧାୟକ ପଣ୍ଡା 'ଆହାର' କେନ୍ଦ୍ରରେ ପହଞ୍ଚିଥିଲେ। ସେହି ସମୟରେ ଖାଦ୍ୟ ପରଶା ଯାଉଥିଲା। ଲମ୍ବା ଧାଡ଼ି ଲାଗିଥିଲା। କେନ୍ଦ୍ର ଆବର୍ଜନା ପାଣି ନିଷ୍କାସନ ହୋଇପାରୁନି। ଏଣୁ ଆବର୍ଜନା ପାଣି ଭାସି ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି। ଲୋକମାନେ ମଇଳା ପାଣିରେ ଠିଆ ହୋଇ ଖାଉଛନ୍ତି। ବିଶୁଦ୍ଧ ପାନୀୟ ଜଳ ପାଇଁ ଫିଲଟର୍ ଲାଗିଛି, କିନ୍ତୁ ଦୀର୍ଘ ଦିନ ହେଲା ଅଚଳ ହୋଇପଡ଼ିଛି। ଲୋକମାନେ ଟ୍ୟାପ୍‌ରୁ ପାଣି ପିଉଛନ୍ତି। ଓଭର୍‌ହେଡ୍ ଟାଙ୍କିରେ ଢ଼ାଙ୍କୁଣୀ ପକାଯାଉନି। ତା' ଭିତରେ ନାନା ଆବର୍ଜନା ପଡ଼ିଥିବା ବେଳେ ସେଇ ପାଣିକୁ ହିଁ ଲୋକମାନେ ପିଉଛନ୍ତି। ଭୂତଳ ଜଳ ସଂରକ୍ଷଣ (ସମ୍ପ)ରେ ମଧ୍ୟ ଢ଼ାଙ୍କୁଣୀ ଠିକ୍ ଭାବେ ପଡୁନି। ବସ୍‌ଷ୍ଟାଣ୍ଡକୁ ଆସୁଥିବା ଲୋକମାନେ ସମ୍ପ ଉପରେ ପରିଶ୍ରା କରୁଛନ୍ତି। ଖାଦ୍ୟ ପରଶିବା ବେଳେ କର୍ମଚାରୀମାନେ ଅତ୍ୟନ୍ତ ବେପରୁଆ ଭାବେ ଗ୍ଲୋବ୍‌ସ ବଦଳରେ ହାତ ବ୍ୟବହାର କରୁଛନ୍ତି। ଯେଉଁଠି ଖାଦ୍ୟ ବଣ୍ଟନ କରାଯାଉଛି, ସେଠାରେ ହିଁ ବାସନ କୁସନ ସଫା କରାଯାଉଛି। ମହିଳା ଏବଂ ପୁରୁଷଙ୍କ ପାଇଁ ପୃଥକ୍ କାଉଣ୍ଟର୍ ରହିଛି। ହେଲେ କର୍ମଚାରୀ ଅଭାବ ଯୋଗୁ ମାତ୍ର ଗୋଟିଏ କାଉଣ୍ଟରରେ ଉଭୟ ପୁରୁଷ ଏବଂ ମହିଳାଙ୍କୁ ଖାଦ୍ୟ ଦିଆଯାଉଛି। ଏହା ଯୋଗୁ ଲମ୍ବା ଧାଡ଼ି ଲାଗି ରହୁଛି। ଖାଦ୍ୟ ସଂଗ୍ରହ କରିବା ପାଇଁ ଲୋକମାନେ ଅନେକ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଠିଆ ହେଉଛନ୍ତି। ଖାଦ୍ୟର ମାନ ଏବଂ ଅନ୍ୟାନ୍ୟ ସୁବିଧା ଅସୁବିଧା ବିଷୟରେ ଉଭୟ ଜନପ୍ରତିନିଧି ସେଠାରେ ଖାଦ୍ୟ ଖାଉଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ଡାଲମା କମ୍ ମିଳୁଥିବା ଏବଂ ଖାଦ୍ୟର ମାନ ଠିକ୍ ନ ଥିବା କେତେକ ଲୋକ ଅଭିଯୋଗ କରିଥିଲେ। ମାନ ପରଖିବା ପାଇଁ ଏମ୍‌ପି ସାହୁ ଏବଂ ବିଧାୟକ ପଣ୍ଡା ନିଜେ ଖାଇଥିଲେ। ବିଏମ୍‌ସିର ଯନ୍ତ୍ରୀଙ୍କୁ ଡାକିଥିଲେ। କନିଷ୍ଠ ଯନ୍ତ୍ରୀ ସୁଚିସ୍ମିତା ପୁହାଣ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ଷଡ଼ଙ୍ଗୀ କେନ୍ଦ୍ରରେ ପହଞ୍ଚିଥିଲେ। ଅବ୍ୟବସ୍ଥା ସମ୍ପର୍କରେ ଉଭୟଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଆସନ୍ତା ୧୫ଦିନ ମଧ୍ୟରେ ଏହାକୁ ସୁଧାରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏମ୍‌ପି ସାହୁ ଏବଂ ବିଧାୟକ ପଣ୍ଡା କହିଥିଲେ, ଆହାର ଯୋଜନା ଫଳରେ ଅନେକ ଗରିବ ଲୋକ ଉପକୃତ ହୋଇପାରୁଛନ୍ତି। ଖାଦ୍ୟ ମାନ ଭଲ ଅଛି। ହେଲେ କେନ୍ଦ୍ରରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ସୁଧାରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି ବୋଲି ପ୍ରକାଶ କରିଥିଲେ।



ଗୋଟିଏ କାଉଣ୍ଟର୍ ଖୋଲିଥିବା ଯୋଗୁ ପ୍ରବଳ ଭିଡ଼ ।

■ନିଷ୍କାସନ ହେଉନି ମଇଳା ପାଣି
■ପିଇବାକୁ ମିଳୁଛି ବିଶୁଦ୍ଧ ଜଳ
■ବିଏମ୍‌ସିକୁ ୧୫ଦିନର ମହଲତ

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୫।୧୦**

ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ) – ୨ ଜଗଦୀଶ ପ୍ରସାଦ ମହାନ୍ତି ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ କାଳିଆ ଡାକୁଆଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ପ୍ରକାଶ ଯେ, ୨୦୧୮ ଏପ୍ରିଲ ୧୪ରେ କେ.ନୂଆଗାଁ ଥାନା ଅନ୍ତର୍ଗତ ବିଜୟଲକ୍ଷ୍ମୀନାରାୟଣପୁରର କାଳିଆ ଜନୈକା ନାବାଳିକାଙ୍କୁ ତାଙ୍କ ଘରୁ ବଳପୂର୍ବକ ଅପହରଣ କରି ବଳାତ୍କାର କରିଥିଲେ। ପୀଡିତାଙ୍କ ବାପା ଏନେଇ କେ.ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ମାମଲା ନଂ.୧୪୪/୧୮ରେ ଅଭିଯୁକ୍ତ କାଳିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ପୋଲିସ ଚାର୍ଜଶିଟ ଦାଖଲ କରିବା ପରେ ଅଭିଯୁକ୍ତ ଜାମିନରେ ବାହାରିଥିଲେ। ଏହି ମାମଲାର ବିଚାର ବେଳେ ୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ କାଳିଆଙ୍କୁ ଏଡିଜେ–୨ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ଅଲେଖ ବେହେରା ମକଦ୍ଦମା ପରିଚାଳନା କରିଥିଲେ।

# ବିଫଳତାରୁ ଶିକ୍ଷା ହିଁ ସଫଳତାର ସୂତ୍ର



ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

**ବ୍ରହ୍ମପୁର ଅଫିସ୍,୧୫।୧୦**

ଯେଉଁମାନେ ଆଜି ବିଶ୍ୱସ୍ତରରେ ସଫଳ ବ୍ୟକ୍ତିଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ସେମାନେ ନିଜ ପ୍ରାରମ୍ଭିକ ଜୀବନରେ ଅନେକ ବିଫଳତାର ସମ୍ମୁଖୀନ ହୋଇଛନ୍ତି। କାହା ପାଖରେ ଟଙ୍କା ନ ଥିଲା ତ ଆଉ କେହି ପ୍ରାଥମିକ ଶିକ୍ଷା ପାଇପାରି ନ ଥିଲେ। ଅଭାବ ଅନେକ ସମୟରେ ସେମାନଙ୍କ ପଥରେ ପ୍ରତିବନ୍ଧକ ସାଜିଥିଲା। ନିଜ ଲକ୍ଷ୍ୟ ପଥରେ ଆଗକୁ ଯିବା ବେଳେ ବାରମ୍ବାର ବିଫଳତା ସହ ସାମ୍ନାସାମ୍ନି ହୋଇଥିଲେ। ହେଲେ ସେମାନେ କେବେ ହାରି ନ ଥିଲେ। ଅଭାବ ଅସୁବିଧାକୁ ସମ୍ମୁଖୀନ କରି ସଫଳତା ପାଇଥିଲେ। ବିଫଳତାରୁ ଶିକ୍ଷା ନେଇଥିଲେ। ଏହା ହିଁ ସଫଳତାର ସୂତ୍ର ବୋଲି ଉତ୍କଳ ବାଳାଶ୍ରମରେ ଆୟୋଜିତ 'ହୋସ୍‌ଲା–୨୦୧୯'ର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ସଭାରେ ଅତିଥିମାନେ ପ୍ରକାଶ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡ଼ଙ୍ଗୀ ଏଥିରେ ଅଧକ୍ଷତା କରିଥିବା ବେଳେ ଅତିଥିମାନେ ଏଡିପିଏଚ୍‌ଓ(ଯକ୍ଷ୍ମା) ଡା. ମନୋଜ ପଣ୍ଡା, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ହରିହର ପାଢ଼ୀ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର ଏବଂ ଶିଶୁ ମଙ୍ଗଳ କମିଟି ପୂର୍ବତନ ଅଧକ୍ଷ ବି.ବୈରାଗୀ ପାତ୍ର ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ତରଫରୁ ମଙ୍ଗଳବାର ଏକ ଦିବସୟ 'ହୋସ୍‌ଲା' ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଜିଲାର ୧୩ ଶିଶୁ ଯତ୍ନ ଅନୁଷ୍ଠାନ(ସିସିଆଇ)ଅନ୍ତେବାସୀମାନେ ଭାଗ ନେଇଥିଲେ। ସକାଳେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଆଥ୍‌ଲେଟିକ୍ସ, ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଫୁଟବଲ୍ ଏବଂ ଅପରାହ୍ନରେ ବାଳାଶ୍ରମରେ ଚିତ୍ରାଙ୍କନ, ତର୍କ, ଚେସ୍ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଏଥି ସହ ଅନ୍ତେବାସୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡିସିପିୟୁ କାର୍ଯ୍ୟାଳୟର ଶରତ ଚନ୍ଦ୍ର ମହାନ୍ତି, ସୁଦାମ କୁମାର ପାଣିଗ୍ରାହୀ, ଶିବ ପ୍ରସାଦ ରଥ, ସୁଶାନ୍ତ କୁମାର ସାହୁ, ସୁଜିତ କୁମାର ସାହୁ ଏବଂ କାମେଶ୍ୱର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

**ନକଲି ପୋଲିସ କୋର୍ଟରେ ହାଜର**

### ଅନ୍ୟଏକ ଲୁଟ ମାମଲାରେ ଜଡିତ ହେଲେ

**ବ୍ରହ୍ମପୁର ଅଫିସ୍,୧୫।୧୦**

ନକଲି ପୋଲିସ ପରିଚୟ ଦେଇ ସହରରେ ସିରିଜ ଲୁଟ ଘଟଣାରେ ଗତ ୨ ତାରିଖରେ ଇରାନୀ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସିକନ୍ଦର ଅଲ୍ଲୀ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି। ମଙ୍ଗଳବାର ସେ ଅନ୍ୟ ଏକ ଲୁଟ ମାମଲାରେ ଜଡିତ ହେଲେ। ସିକନ୍ଦରଙ୍କୁ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଟାଉନ ଥାନା ଅନ୍ତର୍ଗତ ଦଲୁଆ ସାହିରେ ଅଗଷ୍ଟ ୧ରେ ଭି. ଶାରଦା ନାମକ ଜଣେ ମହିଳାଙ୍କୁ ପୋଲିସ ପରିଚୟ ଦେଇ ତାଙ୍କର ୩ ଭରି ଗହଣା ଅଭିନବ ଉପାୟରେ ଠକି ନେଇଥିଲେ। ପୋଲିସ ଏନେଇ ନଂ.୧୫୦/୧୯ରେ ଏକ ମାମଲା ରୁଜୁ କରିଥିଲା। ତଦନ୍ତ ବେଳେ ସିକନ୍ଦର ଗ୍ୟାଙ୍ଗ ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ଜାଣିବାକୁ ପାଇବା ପରେ କୋର୍ଟରେ ଏନେଇ ତାଙ୍କ ବିରୋଧରେ ରିମାଣ୍ଡ ରିପୋର୍ଟ ଦାଖଲ କରିଥିଲା। ମଙ୍ଗଳବାର ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ଏହି ମାମଲାରେ ସିକନ୍ଦରଙ୍କୁ ଜଡିତ କରାଯାଇଥିବା କହିଥିଲେ। ସୂଚନାଯୋଗ୍ୟ, ହାଉସିଂ ବୋର୍ଡ଼ରେ ରହୁଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଜୁଲାଇରେ ସିକନ୍ଦର ଏବଂ ତାଙ୍କ ଗ୍ୟାଙ୍ଗ ପୋଲିସ ପରିଚୟ ଦେଇ ସେ ପିନ୍ଧିଥିବା ସମସ୍ତ ସୁନା ଗହଣା ଲୁଟି ନେଇଥିଲେ। ଗୋଷାଣୀନୂଆଗାଁ ପୋଲିସ ଏହି ମାମଲାର ଅନୁସନ୍ଧାନ ବେଳେ ସିକନ୍ଦରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ତଳେ ଜେଲ ପରିସରରେ ଟିଆଇ (ଟେଷ୍ଟ ଅଫ ଆଇଡେଣ୍ଟିଫିକେଶନ) ପରେଡ଼ ଅନୁଷ୍ଠିତ ହୋଇଥିଲା।

# ୧୫ ଜୁଆଡ଼ି ଗିରଫ

**ବ୍ରହ୍ମପୁର ଅଫିସ୍,୧୫।୧୦**

ଗୋଷାଣୀନୂଆଗାଁ ପୋଲିସ ସୋମବାର ରାତିରେ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩୬, ୯୦୦ ଟଙ୍କା, ୬ ମୋବାଇଲ ଫୋନ, ଗୋଟିଏ ବାଇକ୍ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ମାମଲା ନଂ. ୧୦୮/୧୯ରେ ଗିରଫମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।

ସେହିପରି ବୈଦ୍ୟନାଥପୁର ପୋଲିସ ସୋମବାର ରାତିରେ ଲାଞ୍ଜିପଲ୍ଲୀ ନୃସିଂହ ମନ୍ଦିର ନିକଟରେ ଚାଲିଥିବା ଏକ ଜୁଆ ଖେଳଉପରେ ଚଢ଼ାଉ କରିଥିଲା। ସେଠାରୁ ୭ ଜୁଆଡ଼ିଙ୍କୁ ଗିରଫ କରିଛି। ଘଟଣା ସ୍ଥଳରୁ ୧୪,୦୫୦ ଟଙ୍କା, ୬ ମୋବାଇଲ ଫୋନ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି। ମାମଲା ନଂ.୨୩୨/୧୯ ରେ ଗିରଫ ସମସ୍ତ ଜୁଆଡ଼ିଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି।

# ଓଡ଼ିଶା ବାସ୍କେଟବଲ୍ ଦଳରେ ଗଞ୍ଜାମରୁ ୪ ଖେଳାଳି





ଦୀପକ କୁମାର ଚୌଧୁରୀ । କରିଷ୍ମା ବେହେରା । ସ୍ୱାଗତ ସାହୁ । ସ୍ୱାଗତିକା ସାହୁ ।

**ବ୍ରହ୍ମପୁର ଅଫିସ୍,୧୫।୧୦**

୭୦ତମ ଜାତୀୟ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍ ଆସନ୍ତା ୧୭ରୁ ୨୪ତାରିଖ ପର୍ଯ୍ୟନ୍ତ ପାଟଣାରେ ଅନୁଷ୍ଠିତ ହେବ। ଏହି ଚାମ୍ପିୟନ୍‌ଶିପ୍‌ରେ ଭାଗନେବା ପାଇଁ ଓଡ଼ିଶା ଜୁନିୟର୍ ଦଳ ଘୋଷଣା କରାଯାଇଛି। ଏଥିରେ ଗଞ୍ଜାମର ୪ ଖେଳାଳି ସାମିଲ୍ ହୋଇଛନ୍ତି। ବାଳକ ଦଳରେ ସ୍ୱାଗତ ସାହୁ ଏବଂ ଦୀପକ କୁମାର ଚୌଧୁରୀ ରହିଥିବା ବେଳେ ବାଳିକା ଦଳରେ କରିଷ୍ମା ବେହେରା ଏବଂ ସ୍ୱାଗତିକା ସାହୁ ରହିଛନ୍ତି। ଓଡ଼ିଶା ଦଳରେ ସାମିଲ୍ ହେବା ପାଇଁ ମଙ୍ଗଳବାର ଏହି ଖେଳାଳିମାନେ କଟକ ଯାତ୍ରା କରିଛନ୍ତି ।

# ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୧୫।୧୦**

ବ୍ରହ୍ମପୁର ସିଟି ହାଇସ୍କୁଲ ପକ୍ଷରୁ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାଳୀଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନ୍‌ସିସି ଚିଫ୍ ଅଫିସର ଗୋପାଳକୃଷ୍ଣ ମିଶ୍ର କଲାମଙ୍କ ସ୍ମୃତିଚାରଣ କରିବା ସହ ଦେଶ ପ୍ରଗତି ଓ ଯୁବ ସମାଜକୁ ଜାଗ୍ରତ କରାଇବା ଦିଗରେ ତାଙ୍କ ଉଦ୍ୟମ ଉପରେ ଆଲୋକପାତ କରିଥିଲେ । ଯୁବ ସମାଜ କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ପ୍ରଗତିରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ବିଦ୍ୟାଳୟକୁ ଡ. କଲାମଙ୍କ ଗସ୍ତ, ବିଜ୍ଞାନାଗାରକୁ ପ୍ରଦାନ କରିଥିବା ମଡେଲ ଓ କମ୍ପ୍ୟୁଟର ଉପରେ ପ୍ରଧାନଶିକ୍ଷକ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷୟିତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ, ଛାତ୍ରମାନେ ।

**ସିବିଏସ୍‌ଇ ସ୍କେଟିଂ ପ୍ରତିଯୋଗିତା**

# ବ୍ରହ୍ମପୁରକୁ ୩ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ

**ବ୍ରହ୍ମପୁର ଅଫିସ୍,୧୫।୧୦**

ଚଳିତ ମାସ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଛତିଶଗଡ ରାୟପୁରରେ ସିବିଏସ୍‌ଇ ଦ୍ୱାରା ଅନୁଷ୍ଠିତ ଜୋନାଲ୍‌ସ୍ତରୀୟ ସ୍କେଟିଂ ପ୍ରତିଯୋଗିତାରେ ବ୍ରହ୍ମପୁରର ସ୍କେଟରମାନେ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ୩ଟି ଲେଖାଏ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସ୍କେଟରମାନେ ବ୍ରହ୍ମପୁର ସହରର ବିଭିନ୍ନ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିଲେ। କମାପଲ୍ଲୀସ୍ଥିତ ସିଲ୍‌କି ରୋଲର୍ ସ୍କେଟିଂ ଏକାଡ଼େମୀରୁ ତାଲିମ ନେଉଥିଲେ। ପ୍ରତିଯୋଗିତାରେ ୮ ବର୍ଷ ବୟସ ବର୍ଗ ବାଳିକା ବିଭାଗରେ ଡ଼ିଏଭି ପବ୍ଲିକ୍ ସ୍କୁଲ ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନ୍ୱେଷା ବିଷୋୟୀ ୩୦୦ ମିଟର ଟାଇମ୍ ଟ୍ରାଇଲ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୧୦୦୦ ମିଟର ସ୍ପିଡ୍ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିଭଳି ୧୦ ବର୍ଷର ବାଳକ ବିଭାଗରେ ଡ଼ିଏଭି ପବ୍ଲିକ ସ୍କୁଲ ଚତୁର୍ଥ ଶ୍ରେଣୀ ଛାତ୍ର ଆଶୁତୋଷ ପାଢ଼ୀ ୧୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଓ ୩୦୦ ମିଟର ଟାଇମ୍ ଟ୍ରାଇଲ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କେ.ସି.ପବ୍ଲିକ୍ ସ୍କୁଲ ପଞ୍ଚମ ଶ୍ରେଣୀ ଛାତ୍ର ପୁନିତ୍ ଗୌଡ଼ ୧୦୦୦ ମିଟର ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିପରି ସିନିୟର ସେକେଣ୍ଡାରୀ ସଂକଳ୍ପ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ର ଅନୁଭବ ପଣ୍ଡା ୧୦୦୦ ମିଟର ରେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସିବିଏସ୍‌ଇ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଫାର୍ ଇଷ୍ଟ ଜୋନ୍ ପାଇଁ ୮ ରାଜ୍ୟର ବିଭିନ୍ନ ବିଦ୍ୟାଳୟର ସ୍କେଟରମାନେ ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁରର ସ୍କେଟରମାନେ ନିଜେ ନିଜେ ଜୋରଦାର୍ ଅଭ୍ୟାସ କରିଥିବାରୁ ଏହି ସଫଳତା ପାଇପାରିଛନ୍ତି। ଅଭିଭାବକ ଏକାଡ଼େମୀ ପରିଚାଳକ ଓ କୋଚ୍‌ଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହାସହ ଏହି ଖେଳାଳିମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅନ୍ୱେଷା ଓ ଆଶୁତୋଷ ଏହି ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରିଥିବାରୁ ଉଭୟଙ୍କୁ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି ।



ବ୍ରହ୍ମପୁରର ସଫଳ ସ୍କେଟର୍‌ମାନେ ।

## ସଂକ୍ଷେପରେ

### କୈଳାସ ହତ୍ୟା ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

**ଖଲ୍ଲିକୋଟ,୧୫।୧୦(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ କୁଶଡ଼ିପ ଛକରେ ଗତ ଏପ୍ରିଲ ୨୮ ରାତିରେ କୈଳାସ ବାରିକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଭାକୁଟିଡ଼ିହ ଗ୍ରାମର ପ୍ରଦୀପ ପରିଡ଼ା। ଏ ନେଇ ପୋଲିସ ନଂ. ୧୦୬/୨୦୧୯ରେ ହତ୍ୟା ମାମଲା ରୁଜୁ କରିଥିଲା। ପ୍ରକାଶ ଯେ, କୁଶଡ଼ିପ ଗ୍ରାମର କୈଳାସଙ୍କ ହତ୍ୟାକାଣ୍ଡରେ ୪ ଅଭିଯୁକ୍ତ ସମ୍ପୃକ୍ତ ଥିବା ନେଇ ତାଙ୍କ ସ୍ତ୍ରୀ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଏହି ମାମଲାରେ ପୋଲିସ ପୂର୍ବରୁ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ପ୍ରଦୀପଙ୍କ ସହ ଅନ୍ୟ ଜଣେ ଫେରାର ଥିଲେ। ସେହିଦିନରୁ ଖଲ୍ଲିକୋଟ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ପ୍ରଦୀପ ନିଜ ଗ୍ରାମକୁ ଆସିଥିବା ଖବର ପାଇ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏସ୍ଆଇ ସିଲୁ ଧଳ ସଦଳବଳ ଗ୍ରାମରେ ପହଞ୍ଚି ପ୍ରଦୀପଙ୍କୁ ଗିରଫ କରିଥିଲେ। ପ୍ରଦୀପ ନାଁରେ ରାଜ୍ୟର ବିଭିନ୍ନ ଥାନାରେ ହତ୍ୟା, ରାହାଜାନି ପରି ୧୦ରୁ ଊର୍ଦ୍ଧ୍ୱ ମାମଲା ଥିବା ପୋଲିସ କହିଛି।

### ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ, ଅଭିଯୁକ୍ତ ଗିରଫ

**ହାତୀଓଟ,୧୫।୧୦:** ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳରେ ଜଣେ ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାଣୀପଡା ଗ୍ରାମର ସନ୍ତୋଷ କୁମାର ପାଢ଼ୀ(୧୯)। ପ୍ରକାଶ ଯେ, ନାବାଳକ ଜଣକ ସୋମବାର ଅପରାହ୍ନରେ ସନ୍ତୋଷଙ୍କ ସାହିଦେଇ କୌଣସି କାମରେ ଯାଉଥିଲେ। ସନ୍ତୋଷ ଏକୁଟିଆ ପାଇ ତାଙ୍କୁ ଉଠାଇ ନେଇ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ନାବାଳକ ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ ଘରେ ଜଣାଇଥିଲେ। ତାଙ୍କ ବାପା ସୋମବାର ସନ୍ଧ୍ୟାର ଏନେଇ ପୋଲସରା ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ପୋଲିସ ସନ୍ତୋଷଙ୍କୁ ଆଣି ପଚରାଉଚରା ପରେ ଗିରଫ କରିଥିଲେ। ଏନେଇ ନଂ.୨୨୬/୧୯ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋଦଳା କୋର୍ଟକୁ ପଠାଯାଇଥିବା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ସପ୍ତାହେ ହେଲା ନାହାଣଗାଁ ଅନ୍ଧାରରେ

**ଫିରିଙ୍ଗିଆ, ୧୫।୧୦:** ଫିରିଙ୍ଗିଆ ପଞ୍ଚାୟତ ନାହାଣଗାଁରେ ଗତ ୮ ତାରିଖରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଛି। ଆଜି ପର୍ଯ୍ୟନ୍ତ ନୂତନ ଟ୍ରାନ୍ସଫର୍ମର ବସିନାହିଁ। ଲୋକେ ଅନ୍ଧାରରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେପଟେ ଅଧିକାଂଶ ଗ୍ରାହକଙ୍କ ବିଦ୍ୟୁତ୍ ବିଲ ବାକି ରହିଛି। ଫଳରେ ନୂତନ ଟ୍ରାନ୍ସଫର୍ମର ବସିପାରୁନାହିଁ। ଏହି ଗ୍ରାମରେ ଗୁଡିଆସାହି, ହରିଜନ ସାହି, ଆଦିବାସୀ ସାହି ଓ ପଦରସାହିରେ ୩୦ ପରିବାର ବସବାସ କରୁଛନ୍ତି। ଲାଇନ ନ ଥିବାରୁ ପିଲାମାନେ ପାଠ ପଢ଼ିବାରେ ଅସୁବିଧା ହେଉଛି। ସୂଚନା ଅନୁଯାୟୀ, ଗ୍ରାହକଙ୍କୁ ପ୍ରାୟ ୭୦ ହଜାର ଟଙ୍କା ବିଦ୍ୟୁତ୍ ବିଲ ପଇଠ କରିବାକୁ ଅଛି। ଏ ନେଇ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜୟଦେବ ସାହଙ୍କୁ ପଚାରିବାରୁ ଗ୍ରାହକମାନଙ୍କୁ ବକେୟା ଟଙ୍କା ପୈଠ ପାଇଁ ଜଣାଇ ଦିଆଯାଇଛି। ସେମାନେ ଟଙ୍କା ବାନ୍ଧିଲେ ଆମେ ନୂତନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ଯୋଗାଇ ଦେବୁ।

## ■ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ ପାଇଁ ବିଏମ୍‌ସିର ପ୍ରସ୍ତୁତି

# ଡିସେମ୍ବର ସୁଦ୍ଧା ଏସ୍‌ଡବ୍ଲ୍ୟୁଏମ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ଲକ୍ଷ୍ୟ

- ■ ଓଦା ଆବର୍ଜନା ସଂଗ୍ରହ
- ■ କମ୍ପୋଷ୍ଟ ୟୁନିଟ ପାଇଁ ଆରମ୍ଭ ହେଲା ଟେଣ୍ଡର
- ■ ଅକ୍ଟୋବର ସୁଦ୍ଧା କାର୍ଯ୍ୟକାରୀ ହେବ 'ସଫା ଆପ'

**ବ୍ରହ୍ମପୁର ଅଫିସ,୧୫।୧୦**

ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଏବେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ଚଳିତ ସର୍ବେକ୍ଷଣ ପାଇଁ ୨୦୨୦ ଜାନୁୟାରୀରେ କେନ୍ଦ୍ରୀୟ ଟିମ୍ ପରିଦର୍ଶନରେ ଆସିବାକୁ ଥିବା ବେଳେ ଏହାପୂର୍ବରୁ ସହରର ସ୍ୱଚ୍ଛ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ବିଏମ୍‌ସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ପ୍ରକାରେ ଅଧିକ ଆବର୍ଜନା ସୃଷ୍ଟିକାରୀ ବୃହତ୍‌କାୟ ହେଟେଲ, ରେଷ୍ଟୁରାଣ୍ଟ, ଆପାର୍ଟମେଣ୍ଟଗୁଡିକରୁ ବାହାରୁଥିବା ଓଦା ଆବର୍ଜନାକୁ କମ୍ପୋଷ୍ଟ କରିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି। ହେଟେଲ, ରେଷ୍ଟୁରାଣ୍ଟ ଓ ଆପାର୍ଟମେଣ୍ଟ ଭଳି ଅଧିକ ଆବର୍ଜନା ସଂଗୃହୀତ ଓ କମ୍ପୋଷ୍ଟିଂ କାର୍ଯ୍ୟ ପ୍ରାଇଭେଟ ଏଜେନ୍ସିକୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

ସୂଚନା ପ୍ରକାରେ, ବର୍ତ୍ତମାନ ସହରରେ ୧୧୭ ବୃହତ୍ତ ହୋଟେଲ, ୧୦୭ ଆପର୍ଟମେଣ୍ଟ ରହିଛି। ସହରର ଅଧିକ ଆବର୍ଜନା ହୋଟେଲ, ରେଷ୍ଟୁରାଣ୍ଟ, ଆପାର୍ଟମେଣ୍ଟରୁ ବାହାରୁଥିବା ବେଳେ ଅନେକ ସମୟରେ ଏହି ଆବର୍ଜନା ରାସ୍ତାରେ ଜମା ହେଉଥିବା ଦୃଷ୍ଟିକୁ ଆସୁଛି। ଏହାର ପ୍ରତିକାର ତଥା ହୋଟେଲ, ରେଷ୍ଟୁରାଣ୍ଟ, ଆପାର୍ଟମେଣ୍ଟରୁ ବାହାରୁ ଥିବା ଓଦା ଆବର୍ଜନାକୁ କମ୍ପୋଷ୍ଟ କରିବାକୁ ନେଇ ସେପ୍ଟେମ୍ବର ୧୯ରେ ଅନୁଷ୍ଠିତ ବିଏମ୍‌ସିର ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ପ୍ରକାରେ ହୋଟେଲ, ରେଷ୍ଟୁରାଣ୍ଟ, ଆପାର୍ଟମେଣ୍ଟରୁ ଆବର୍ଜନା ସଂଗ୍ରହ ଓ କମ୍ପୋଷ୍ଟ ୟୁନିଟ ସ୍ଥାପନ ସହ ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ଅନୁଯାୟୀ ୟୁଜର୍ସ ଫି ସଂଗ୍ରହ କରାଯିବା ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଦୈନିକ ୨୦ ମେଟ୍ରିକ ଟନ ଆବର୍ଜନା କମ୍ପୋଷ୍ଟିଂ କ୍ଷମତା ବିଶିଷ୍ଟ ଏକ ୟୁନିଟ ସ୍ଥାପନ ଓ ଆବର୍ଜନା ସଂଗ୍ରହ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ଅନ୍ୟପକ୍ଷରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୦କୁ ଦୃଷ୍ଟିରେ ରଖି ସ୍ୱଚ୍ଛତା ଦିଗରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିସହ ଡିସେମ୍ବର ସୁଦ୍ଧା ମହୁଡାରେ ନିର୍ମିତ ହେଉଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ(ଏସ୍‌ଡବ୍ଲ୍ୟୁଏମ୍)କୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି । ଏହି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେବା ପରେ ସହରରେ ଥିବା ୫ ପ୍ରମୁଖ ଆବର୍ଜନାସ୍ଥଳକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯିବା ନେଇ ସୂଚନା ଦେଇଛନ୍ତି । ଏହାବ୍ୟତୀତ ଯେକୌଣସି ସମୟରେ ଆବର୍ଜନା ଗାଡି ବୁକ କରି ସଂଗ୍ରହ କରିବାକୁ ନେଇ 'ସଫା ଆପ'କୁ ଅକ୍ଟୋବର ଶେଷ ସୁଦ୍ଧା କାର୍ଯ୍ୟକାରୀ କରାଯିବାକୁ ନେଇ ମଧ୍ୟ କମିଶନର ରାଠୋର ସୂଚାଇଚନ୍ତି ।

# ଜୀବନବିନ୍ଦୁ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

**ଗୋପାଳପୁର,୧୫।୧୦**

ଗୋପାଳପୁର ନିର୍ବାଚନ ମଣ୍ଡଳୀ କନିଷି ହାଟ ସିଦ୍ଧ ଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ନବୀନ ପଟ୍ଟନାୟକଙ୍କ ୭୪ ତମ ଜନ୍ମଦିନ ଉପଲକ୍ଷେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସରପଞ୍ଚ, ସମିତିସଭ୍ୟ, ଛାତ୍ରୀଛାତ୍ର, ସ୍ଥାନୀୟ ଲୋକ ରକ୍ତଦାନ କରିଥିଲେ। ପରେ ବିଧାୟକ ପାଣିଗ୍ରାହୀ ଚାରାରୋପଣ କରିଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ବିଧାୟକ କହିଥିଲେ। ଏଥିସହ ସିଟି କଲେଜ ଓ ଅକ୍ସଫୋର୍ଡ଼ ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ଚିତ୍ରାଙ୍କନ, ରଚନା ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରିନ୍ସିପାଲ ଶିବ ପ୍ରସାଦ ନାୟକ, ଦିଲୀପ ଦାସ, କେଲୁଆପୁଲି ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ଅରୁଣ କୁମାର ଦଳେଇ, କେ. ଅନିଲ କୁମାର, ପ୍ରତାପ ଚନ୍ଦ୍ର ମିଶ୍ର, ଡ଼ା.ରାଜଶ୍ରୀ ପ୍ରଧାନ, ରଶ୍ମିତା ପାଣିଗ୍ରାହୀ ଓ ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

# ଶେରଗଡ଼ ତହସିଲରେ ରାଜସ୍ୱ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ତହସିଲଦାର ଓ ଆର୍‌ଆଇମାନେ।

**ଶେରଗଡ,୧୫।୧୦(ଡି.ଏନ୍.ଏ.)**

ଶେରଗଡ଼ ତହସିଲ ସଭା ଗୃହରେ ମଙ୍ଗଳବାର ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡ. ଦୟାସିନ୍ଧୁ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇଥିଲେ। ତହସିଲର ୯ଟି ରାଜସ୍ୱ ସର୍କଲର ସମସ୍ତ ୧୦ଟି କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରିବାକୁ କୁହାଯାଇଥିଲା। ତହସିଲର ଇ-ପାଉତି, ଚାଷ ଜମିରେ ଜବରଦଖଲକାରୀ ଚିହ୍ନଟ କରି ଜରିମାନା ଆଦାୟ, ବସୁନ୍ଧରା ଦରଖାସ୍ତ ବିବରଣୀ ଠିକ୍ ସମୟରେ ପ୍ରଦାନ, ଜନଗଣନା ତଥ୍ୟ ବିବରଣୀ ପ୍ରଦାନ କରିବା, କୃଷକ ତାଲିକା ଯାଞ୍ଚ ସମୟରେ ଉପଯୁକ୍ତ ଚାଷୀ ଚିହ୍ନଟ କରିବା, ବେ-ବନ୍ଦୋବସ୍ତ ଖଜଣା ଠିକ ସମୟରେ ଆଦାୟ କରି ରାଜସ୍ୱ ବଢାଇବା ନେଇ ଆଲୋଚନା ହୋଇଥିଲା। ଏଥିସହ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଚିଟ୍‌ଫଣ୍ଡ ଜମାକାରୀ ଚିହ୍ନଟ ସହ ରାଜସ୍ୱ ମାମଲାର ଉପଯୁକ୍ତ ତଦନ୍ତ କରିବାନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ରାଜସ୍ୱ ସୁପରଭାଇଜର ପି. ପଞ୍ଚମା ରାଜସ୍ୱ ନିରୀକ୍ଷକ ମନୋଜ କୁମାର ନାହାକଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

### ଛୁରାମାଡ଼ରେ ଯୁବକ ମୃତ, ଅଭିଯୁକ୍ତ ଗିରଫ

**କୋଦଳା,୧୫।୧୦(ଡି.ଏନ.ଏ.)**

କୋଦଳା ଥାନା ବଡ ଗୁଡ଼ିଆଳି ଗ୍ରାମରେ ଛୁରା ମାଡ଼ରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମୋଚିୟା ନାୟକଙ୍କ ପୁଅ ପିଣ୍ଟୁ (୨୫)। ମୋଚିୟାଙ୍କ ଏତଲା କ୍ରମେ ସ୍ଥାନୀୟ ପୋଲିସ ନଂ. ୨୮୩/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତ ନରି ବାରିକଙ୍କୁ ଗିରଫ କରିଛି।

ପ୍ରକାଶ ଯେ, ଗ୍ରାମର ନରି ଓ ପିଣ୍ଟୁଙ୍କ ମଧ୍ୟରେ ପୂର୍ବଶତ୍ରୁତା ଲାଗି ରହିଥିଲା। ଗତ ରବିବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ପିଣ୍ଟୁ ଘରକୁ ଚାଲିଯାଇଥିଲା। କିନ୍ତୁ ନରିର ରାଗ ଥମି ନ ଥିଲା। ସେ କ୍ରୋଧରେ ଏକ ଛୁରି ନେଇ ପିଣ୍ଟୁଙ୍କ ଘର ସମ୍ମୁଖରେ ଗାଳି ଗୁଲଜ କରିଥିଲା। କାହିଁକି ଗାଳି କରୁଛୁ କହି ପିଣ୍ଟୁର ବାପା ପ୍ରତିବାଦ କରିବାରୁ ନରି ମୋଚିୟାଙ୍କୁ ମାଡମାରି ଘର ଭିତରେ ପଶି ପିଣ୍ଟୁଙ୍କୁ ଛୁରିରେ ଆକ୍ରମଣ କରି ଘଟଣାସ୍ଥଳରୁ ଦୌଡ଼ି ପଳାଇଥିଲା। ପରିବାର ଲୋକେ ଗୁରୁତର ପିଣ୍ଟୁଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ମୋଚିୟା ସୋମବାର ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ଭୋର୍‌ରେ ପିଣ୍ଟୁଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା।

# ଜମା ଅର୍ଥ ଦେଉନି ସାହାରା ଇଣ୍ଡିଆ

**ଛତ୍ରପୁର, ୧୫।୧୦(ଡି.ଏନ.ଏ.)**

ଛତ୍ରପୁର ସାହାରା ଇଣ୍ଡିଆ କାର୍ଯ୍ୟାଳୟ ଜମାଅର୍ଥ ଫେରାଉ ନ ଥିବା ନେଇ ଜଣେ ଜମାକାରୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି, ଗଞ୍ଜାମ ବ୍ଲକ ବଡକାଇଁଚପୁର ଗ୍ରାମର ବିଦେଶୀ ବେହେରା ଜଣେ ଏଜେଣ୍ଟଙ୍କ ଜରିଆରେ ୨୦ ହଜାର ଟଙ୍କା ଜମା କରିଥିଲେ। ଯେଉଁ ଅର୍ଥ ନଭେମ୍ବର ମାସରେ ମାଚ୍ୟୁରିଟି ହୋଇଯାଇଥିଲେ ବି ତାଙ୍କୁ ସାହାରା କାର୍ଯ୍ୟାଳୟ ଟଙ୍କା ଦେଉନଥିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଜଣାଇଥିଲେ। ତାଙ୍କୁ ସାହାରା ଇଣ୍ଡିଆ ଠାରୁ ୪୫ ହଜାର ୨୮୦ ଟଙ୍କା ପାଇବାକୁ ଅଛି। ଟଙ୍କା ଅଭାବରୁ ସେ ୨ଦିନ ହେଲା ଖାଇ ନ ଥିବା ଜିଲାପାଳଙ୍କୁ କହିଥିଲେ। ଜିଲାପାଳ ଛତ୍ରପୁର ସାହାରା କାର୍ଯ୍ୟାଳୟ ଅଧିକାରୀଙ୍କୁ ଡକାଇ ତାଙ୍କୁ ତୁରନ୍ତ ଅର୍ଥ ଫେରାଇ ଏହାର ସମାଧାନ କରିବାକୁ କହିଥିଲେ। ଟଙ୍କା ନ ଫେରାଇଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ତାଗିଦ କରିଥିଲେ। ବର୍ତ୍ତମାନ ସାହାର ଇଣ୍ଡିଆ ଜମାକାରୀଙ୍କୁ ସେମାନଙ୍କ ମାଚ୍ୟୁରିଟି ଟଙ୍କା ଫେରାଇବା ବିଳମ୍ବ ହେଉଛି, ଏଣୁ ଡିସେମ୍ବରରେ ଟଙ୍କା ଦେବୁବୋଲି ଉକ୍ତ ଅଧିକାରୀ ଜିଲାପାଳଙ୍କୁ କହିଥିଲେ ବି ଜିଲାପାଳ ଏଥିରେ ସହମତି ନ ହୋଇ ଖୁବ୍‌ଶୀଘ୍ର ଟଙ୍କା ଫେରାଇବାବୁ ନିର୍ଦ୍ଦେଶ ଦେଇଥିଲେ।

# ସପ୍ତାହକ ମଧ୍ୟରେ ଓଭରବ୍ରିଜ ନିର୍ମାଣ ସମ୍ପୂର୍ଣ୍ଣ କର

**ଜିଲା ଭାଜପାର ଚେତାବନୀ**

- ■ ନ ହେଲେ ଗଣଧାରଣା
- ଜାତୀୟ ରାଜପଥ ଅବରୋଧ

**ବ୍ରହ୍ମପୁର ଅଫିସ,୧୫।୧୦**

ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ ଛକରୁ ଆଙ୍କୁଲି ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରେଲୱେ ଓଭରବ୍ରିଜ ଅସମ୍ପୂର୍ଣ୍ଣ ରହିଛି। ଫଳରେ ପ୍ରତିଦିନ ହଜାର ହଜାର ଲୋକଙ୍କୁ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡୁଛି। ସପ୍ତାହକ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଗଞ୍ଜାମ ଜିଲା ଭାଜପା ଦାବି କରିଛି। ନ ହେଲେ ପ୍ରତିବାଦରେ ଇଞ୍ଜିନିୟରିଂ ସ୍କୁଲ ଛକରେ ଗଣଧାରଣା ସହ ୫୯ନଂ. ଜାତୀୟ ରାଜପଥ ଅବରୋଧ କରାଯିବାକୁ ଚେତାବନୀ ଦିଆଯାଇଛି। ଜିଲା ସଭାପତି କାହ୍ନୁ ଚରଣ ପତି ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଅହେତୁକ ବିଳମ୍ବ ପାଇଁ ରାଜ୍ୟ ସରକାର ଓ ପୂର୍ତ୍ତ ବିଭାଗର ଅପାରଗତାକୁ ସେ ଦାୟୀ କରିଛନ୍ତି। ମଙ୍ଗଳବାର ପତିଙ୍କ ସମେତ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ଅନେକ କର୍ମୀ ଅସମ୍ପୂର୍ଣ୍ଣ ଓଭରବ୍ରିଜ ଉପରେ ଚାଲି ଚାଲି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଳମ୍ବ କାରଣ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚାରିଥିଲେ। ଅଞ୍ଚଳର କେତେଜଣ ଉଚ୍ଛେଦକୁ ବିରୋଧ କରି ଅଦାଲତରେ ମାମଲା ରୁଜୁ କରିଥିବାରୁ ଜମି ଅଧିଗ୍ରହଣରେ ସମସ୍ୟା ଦେଖାଦେଇଥିବା ଏସ୍‌ଇ ସଫେଇ ଦେଇଥିଲେ। ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେବା ଏବଂ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ତାହା ଜନସେବା ପାଇଁ ଉତ୍ସର୍ଗ କରାଯିବା ଉପରେ ଭାଜପା ନେତାମାନେ ଗୁରୁତ୍ୱ ଦେଇଥିଲେ। ବୁଧବାର ଗଞ୍ଜାମ ଜିଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯିବ। ଅକ୍ଟୋବର ୧୮ରେ ଭୁବନେଶ୍ୱରରେ ପୂର୍ତ୍ତ ସଚିବଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିବା ସଭାପତି ସୂଚାଇଛନ୍ତି। ମୂଳ ଡିଜାଇନ ଅପରିବର୍ତ୍ତିତ ରଖାଯିବାକୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ୨୦୧୩ ଅକ୍ଟୋବର ୩ରେ ଓଭରବ୍ରିଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିଲେ। ରାଜ୍ୟ ସରକାର ଏହାର ବ୍ୟୟ ଅଟକଳ ୪୩.୨୯ କୋଟି ଟଙ୍କା ମଞ୍ଜୁର ସହ ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗକୁ ନ୍ୟସ୍ତ କରିଥିଲେ। ଏହାକୁ ୬ ବର୍ଷ ବିତିଛି ଏବଂ ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି।

### ମଦ ଜବତ, ଜଣେ ଗିରଫ

**ବୁଗୁଡ଼ା,୧୫।୧୦(ଡି.ଏନ.ଏ.)**

ବୁଗୁଡ଼ା ଥାନା ବେତାରସିଙ୍ଗି ରାସ୍ତାରେ ସୋମବାର ରାତିରେ ସାଇକେଲରେ ମଦ ଧରି ଯାଉଥିବା ବେଳେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରିଛି । ଗିରଫ ଯୁବକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲାବନ୍ଧାର ଗ୍ରାମର ବାସୁଦେବ ପାତ୍ର । ଏନେଇ ବୁଗୁଡ଼ା ଥାନାରେ ନଂ. ୨୨୩/୧୯ରେ ମାମଲା ରୁଜୁ ହୋଇଛି । ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି ।

# ବସ୍‌ରୁ ଖସି ଛାତ୍ର ଗୁରୁତର

## ରାସ୍ତା ନିର୍ମାଣରେ ବିଳମ୍ବ ନେଇ ଅସନ୍ତୋଷ

**ବେଗୁନିଆପଡ଼ା, ୧୫।୧୦(ଡି.ଏନ.ଏ.)**


ଗୁରୁତର ଛାତ୍ର।

ବେଗୁନିଆପଡ଼ା ଫାଣ୍ଡି ସୁମଣ୍ଡଳ ମୋହନପୁର ସାହି ମୁଖ୍ୟରାସ୍ତା ଉପରେ ମଙ୍ଗଳବାର ସକାଳେ ଏକ କଲେଜ ଛାତ୍ର ବସରୁ ଖସିପଡି ଆହତ ହୋଇଛନ୍ତି। ସୁମଣ୍ଡଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସେ ହେଲେ ତାଳସର ଗ୍ରାମର ନୀଳ ସେଠୀଙ୍କ ପୁଅ ଶ୍ରୀକାନ୍ତ। ସେ ଖଲ୍ଲିକୋଟ ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ କଳା ଛାତ୍ର। ପ୍ରକାଶ ଯେ, କୁମାରୀପାରି ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ୍ (ନଂ. ଓଆର୦୭ଟି- ୭୧୫୫)ରେ ଶ୍ରୀକାନ୍ତ ସୁମଣ୍ଡଳ ନିକଟରେ କଲେଜ ଯିବାକୁ ଚଢୁଥିବାବେଳେ ଖସି ପଡିଥିଲେ। ବଣିଆବାଡ଼ି ଠାରୁ ସୁମଣ୍ଡଳ ପୂର୍ତ୍ତ ରାସ୍ତା ପାଇଁ ୧,୩୧,୨୬,୨୨୮ ଟଙ୍କା ମଞ୍ଜୁର ହୋଇ ଫଳକରେ ସୀମିତ ରହିଛି। ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଧାର୍ଯ୍ୟ ସମୟ ସୀମା ପାର ହୋଇ ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# ଉଜ୍ଜ୍ୱଳା ଦିଦିଙ୍କୁ ପରିଚୟପତ୍ର ବଣ୍ଟନ

**ଆସିକା,୧୫।୧୦ (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକ ସେବା ପ୍ରଦାନ ନିମନ୍ତେ ନିୟୋଜିତ ଉଜ୍ଜ୍ୱଳା ଦିଦିଙ୍କୁ ମଙ୍ଗଳବାର ପରିଚୟପତ୍ର ବଣ୍ଟନ କରାଯାଇଥିଲା। ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଜପା ଘୁମୁସର ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭାଜପା ନେତ୍ରୀ ଅନିତା ଶୁଭଦର୍ଶିନୀ, ଭାଜପା ନେତା ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ନାରାୟଣ ବେହେରା, ବିପିନ ପାଢୀ, ବିଦ୍ୟାନ୍ତ ଚର୍ଚ୍ଚି, ରବୀନ୍ଦ୍ର ପୋଲାଇ, ସନ୍ତୋଷ ପୋଲାଇ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ୨୭ ପଞ୍ଚାୟତ ଓ ଏନ୍‌ଏସିର ୧୮ ୱାର୍ଡ ଲାଗି ନିୟୋଜିତ ସମୁଦାୟ ୪୫ଜଣ ଉଜ୍ଜ୍ୱଳା ଦିଦିଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଉଜ୍ଜ୍ୱଳା ଉପଭୋକ୍ତାଙ୍କୁ ଗ୍ୟାସ୍ ସଂଯୋଗ ବ୍ୟବସ୍ଥା ସୁଗମ କରିବା ସହ ଏହି ଗ୍ୟାସର ବ୍ୟବହାରରେ ସୁରକ୍ଷା ସମ୍ପର୍କରେ ଆବଶ୍ୟକ ପ୍ରଶିକ୍ଷଣ, କେନ୍ଦ୍ର ସରକାରଙ୍କ ଧନଜନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ଅଟଳ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ବୀମା ସୁରକ୍ଷା ଯୋଜନା ଆଦି ସୁଫଳ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି ସହ ଅଧିକ ଉପଭୋକ୍ତାଙ୍କୁ ଏହି ଯୋଜନା ମାନଙ୍କରେ ସାମିଲ୍ କରିବା ନିମନ୍ତେ ପରାମର୍ଶ ଦିଆଯାଇଥିଲା।


ଉଜ୍ଜ୍ୱଳା ଦିଦିଙ୍କୁ ପରିଚୟପତ୍ର ବଣ୍ଟନ କରାଯାଉଛି।

### ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ଫିରିଙ୍ଗିଆ,୧୫।୧୦**

ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତ ମିଲୁମାହା ଗ୍ରାମର ଜଣେ ବ୍ୟକ୍ତି ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ କବିରାଜ କହଁର(୪୦) ଫୁଲବାଣୀ ମେଡ଼ିକାଲରେ ତାଙ୍କର ଚିକିତ୍ସା ଚାଲିଛି। କବିରାଜ ସିଂଘାବାଡ଼ି ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବାବେଳେ ବାର୍‌ହା ହାବୁଡରେ ପଡିଥିଲେ। ବାର୍‌ହାଟି ତାଙ୍କୁ ଆକ୍ରମଣ କରି ଚାଲିଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଜଙ୍ଗଲରେ ଅଚେତ ହୋଇ ପଡି ରହିଥିଲେ। ଚେତା ଫେରିବାରୁ ଫୋନ କରି ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖଟିଆରେ ୨ କିଲୋମିଟର ଦୂର ଆଣିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ଫିରିଙ୍ଗିଆ ମେଡ଼ିକାଲ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଏଫ୍‌ଆର୍‌ୟୁ ହସ୍ପିଟାଲ କରିବାକୁ ଦାବି

**ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**ଜି.ଉଦୟଗିରି,୧୫।୧୦(ଡି.ଏନ.ଏ.)**

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏଠାରେ ଡ଼ାକ୍ତରଙ୍କ ଅଭାବ ରହିଛି। ଏହି ହସ୍ପିଟାଲ ପୂର୍ବରୁ ଫାଷ୍ଟ ରେଫରାଲ ୟୁନିଟ ହସ୍ପିଟାଲ ଥିଲା। କିନ୍ତୁ ଦୁଇବର୍ଷ ହେବ ଏଫ୍‌ଆର ୟୁନିଟ ସରକାର ଉଠାଇ ଦେଇଥିବା ଯୋଗୁ ହସ୍ପିଟାଲକୁ ଆବଶ୍ୟକ ଅର୍ଥ ପୂର୍ବପରି ଆସୁନାହିଁ। ତେଣୁ ରାଜ୍ୟ ସରକାର ଅତିଶୀଘ୍ର ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁନର୍ବାର ଏଫଆର୍‌ୟୁ(ଫାଷ୍ଟ ରେଫରାଲ ୟୁନିଟ୍) ହସ୍ପିଟାଲ ଘୋଷଣା କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଦୀର୍ଘବର୍ଷ ହେବ ଏଠାରେ ମେଡିସିନ, ସର୍ଜରୀ, ପେଡିଆଟ୍ରିକ, ଗାଇନିକ ସ୍ପେଶାଲିଷ୍ଟ ପଦବୀ ଖାଲି ପଡ଼ିଛି। ଏହିସବୁ ପଦବୀ ପୂରଣ ପାଇଁ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ତାହା ପୂରଣ ହେଉନାହିଁ। ରୋଗୀମାନଙ୍କୁ ଖର୍ଚ୍ଚାନ୍ତ ହୋଇ ଫୁଲବାଣୀ ଓ ଭଞ୍ଜନଗର ହସ୍ପିଟାଲ ଯିବାକୁ ପଡୁଛି। ହସ୍ପିଟାଲରେ ବିଭିନ୍ନ ସରଞ୍ଜାମ ଯଥା ଟିଭି, ଯନ୍ତ୍ରପାତି ସବୁ ରହିଥିବା ବେଳେ ସିକ୍ୟୁରିଟି ବ୍ୟବସ୍ଥା ନାହିଁ। ତେଣୁ ଅନେକ ସମୟରେ ଫ୍ୟାନ, ବଲ୍‌ବ ସବୁ ଚୋରି ହେଉଛି। ହସ୍ପିଟାଲ କ୍ୱାର୍ଟର୍ସଗୁଡ଼ିକ ଦୀର୍ଘ ବର୍ଷ ଧରି ଅର୍ଦ୍ଧନିର୍ମିତ ହୋଇ ରହିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ କରାଯାଉନାହିଁ। ଫଳରେ ଜରୁରିକାଳୀନ କର୍ମଚାରୀ ତଥା ଡ଼ାକ୍ତର, ନର୍ସ, ଆଟେଣ୍ଡାଣ୍ଟ, ଫାର୍ମାସିଷ୍ଟ ସମସ୍ତେ ହସ୍ପିଟାଲ ବାହାରେ ଘର ଭଡ଼ା କରି ରହିବା ଯୋଗୁ ରୋଗୀସେବା ପ୍ରଭାବିତ ହେଉଛି। ହସ୍ପିଟାଲ ବିଲଡିଙ୍ଗ୍ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଅଛି। ତା'ର ମରାମତି ଶୀଘ୍ର ନ କଲେ ଯେ କୌଣସି ମୂହୁର୍ତ୍ତରେ ଅଘଟଣ ଘଟିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଇନ୍‌ଚାର୍ଜ ଡ଼ା. ଶଶିକାନ୍ତ ମଲିକଙ୍କୁ ପଚାରିବାରେ ଦିନକୁ ୪୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଡ଼ାକ୍ତର ପଦବୀ ଖାଲିଥିବା ବିଷୟ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି ବୋଲି କହିଥିଲେ। ହସ୍ପିଟାଲର କ୍ୱାର୍ଟର୍ସଗୁଡ଼ିକ ନିର୍ମାଣ ହୋଇପାରିଲେ କର୍ମଚାରୀମାନେ କ୍ୟାମ୍ପସ ଭିତରେ ରହିପାରନ୍ତେ ବୋଲି ସେ କହିଥିଲେ।

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୫-ଟି ସଚିବ ରାଜ୍ୟ ସାରା ବୁଲୁଥିବା ବେଳେ ଜି.ଉଦୟଗିରି ପରି ମାଳ ଅଞ୍ଚଳର ହସ୍ପିଟାଲଗୁଡ଼ିକ ପ୍ରତି ସରକାରଙ୍କ ନଜର କେବେ ପଡ଼ିବ ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

## ସଂକ୍ଷେପରେ

### ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା



ସେମିଳିଗୁଡ଼ା,୧୫।୧୦(ସ୍ୱ.ପ୍ର.): ସେମିଳିଗୁଡ଼ା ସ୍ଥିତ ଶିତମ କଲେଜରେ ସୋମବାର ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରାଯାଇଛି। ଗାନ୍ଧୀଜୀଙ୍କ ଆଭିମୁଖ୍ୟ ଓ ଦର୍ଶନକୁ ସର୍ବସାଧାରଣରେ ପହଞ୍ଚାଇବା ଲକ୍ଷ୍ୟରେ ମାଥିଲିରୁ ବାହାରିଥିବା ଶାନ୍ତି, ସଂହତି, ସଦ୍‌ଭାବନା ଯାତ୍ରା ସେମିଳିଗୁଡ଼ାରେ ପହଞ୍ଚିଥିଲା। ଶୀତମ କଲେଜରେ ଆୟୋଜିତ ସଭାରେ ଏହାର ଅଧକ୍ଷ ତଥା ସାମାଜିକ କର୍ମୀ କୃଷ୍ଣ ସିଂହଙ୍କ ଅଧକ୍ଷତା କରିଥିଲେ। ସ୍ୱାଧୀନତାର ୭୨ ବର୍ଷ ପରେ ମଧ ହିଂସା, ଅଜ୍ଞାନ ଓ କୁଶିକ୍ଷାରୁ ମୁକୁଳି ପରିନାହିଁ ସମାଜ। ଏହ ବିରୋଧରେ ସଚେତନତା ଆବଶ୍ୟକ ବୋଲି ଗାନ୍ଧୀବାଦୀ ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କୃଷ୍ଣା ମହାନ୍ତି କହିଛନ୍ତି। ଏହି ଅବସରରେ ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ, ପଟ୍ଟାଙ୍ଗୀ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ସୁନାବେଡ଼ା ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ, ଓଡ଼ିଶା ଲୋକଶକ୍ତି ଅଭିଯାନ ସଭାପତି ପ୍ରଫୁଲ ସାମନ୍ତରାୟ, ରାଷ୍ଟ୍ରୀୟ ଯୁବଶକ୍ତି ଆବାହକ ବିଶ୍ୱଜିତ ରାୟ, ଏସ୍‌ଡିପିଓ ବିଶ୍ୱସେନ ପ୍ରଧାନ, ବରିଷ୍ଠ ନାଗରିକ ସଂଘ ସଭାପତି ବିନୟ ବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଏନ୍‌ଏଚ୍ ନିର୍ମାଣ କାର୍ଯ୍ୟ ଆରମ୍ଭ

ଜୟପୁର,୧୫।୧୦(ଡି.ଏନ୍.ଏ.): ଜୟପୁର ସହର ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ନିର୍ମାଣ ଦାବିରେ ପୂରଣ ହୋଇଛି। ମଙ୍ଗଳବାର ଜୟପୁର-କୋରାପୁଟ ଜତୀୟ ରାଜପଥ ରାସ୍ତାର ଘାଟି ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏଥିରେ ନିର୍ବାହୀ ଯନ୍ତ୍ରୀ ଅଜୟ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ବଗର୍ତ୍ତି, ସହକାରୀ ଯନ୍ତ୍ରୀ ଗୌତମ ପ୍ରକାଶ ବିଶ୍ୱାଳ, କଟକସ୍ଥିତ ଠିକାସଂସ୍ଥାର କର୍ମଚାରୀ ଉପସ୍ଥିତ ଥିଲେ। ପ୍ରୋକଲିନ ମେଶିନ ଦ୍ୱାରା ଖୋଳାକାମ ଆରମ୍ଭ ହୋଇଛି। ଘାଟି ରାସ୍ତାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ୨୭ କିମି ରାସ୍ତା ନିର୍ମାଣ କରାଯିବ। ୭୯ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ ହୋଇଥିବା ବେଳେ ଠିକାସଂସ୍ଥା ୧୭.୬ ପ୍ରତିଶତ କମ୍ ମୋଟ ୬୭ କୋଟି ଟଙ୍କାରେ ଏହି କାମ ପାଇଛି। ୭ମିଟର ଓସାର ଏନ୍‌ଏଚ୍‌କୁ ବୃଦ୍ଧି କରାଯାଇ ଉଭୟ ପାର୍ଶ୍ୱରେ ଦେଢ଼ ମିଟର ପ୍ରଶସ୍ତ କରାଯିବ। ଘାଟିରୁ ବୋରିଗୁମ୍ମା ଭିତରେ ପ୍ରାୟ ୨୫ଶହ ଗଛ କଟିବ।

### କୁମାରୋତ୍ସବ ପାଳିତ

ଜୟପୁର,୧୫।୧୦(ନି.ପ୍ର.): ଜୟପୁର ରଜାନହରାରେ କୁମାର ଉତ୍ସବ ପାଳିତ ହୋଇଛି। ଏଥିରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଦେବେନ୍ଦ୍ର ବାହିନୀପତି, ସୁରେଶ ଦାସ, ନିହାର ବିଷୋୟୀ ଉପସ୍ଥିତ ଥିଲେ। ଗୋପାଳ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ମୀରା ଡ୍ୟାନ୍ସ ଗ୍ରୁପ୍, ନଟରାଜ ଡ୍ୟାନ୍ସ ଗ୍ରୁପ୍, ଜୟପୁର କଳାକେନ୍ଦ୍ର ଭଳି ଅନ୍ୟ ଗ୍ରୁପ୍‌ମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ସାମାଜିକ ଓ ହାସ୍ୟରସାତ୍ମକ ଭଳି ୩ଟି ନାଟକ ମଞ୍ଚସ୍ଥ କରାଯାଇଥିଲା।

### ସ୍ୱଦେଶୀ ଜାଗରଣ ମଞ୍ଚର ଦାବିପତ୍ର



କୋରାପୁଟ,୧୫।୧୦(ସ୍ୱ.ପ୍ର.): ଭାରତ ସରକାର କ୍ଷେତ୍ରୀୟ ବ୍ୟାପକ ଆର୍ଥିକ ବୁଝାମଣାରେ ସ୍ୱାକ୍ଷର ନ କରିବା ପାଇଁ ସୋମବାର ଜିଲା ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରଶାସନକୁ ସ୍ମାରକପତ୍ର ଦେଇଛି। ବୁଝାମଣାରେ ଆମଦାନି ହେଉଥିବା ୮୦ରୁ ୯୦ ପ୍ରତିଶତ ବସ୍ତୁ ଉପରୁ ଶୁଳ୍କ ଶୂନ କରିବା ବ୍ୟବସ୍ଥା ରଖାଯାଇଛି। ବୁଝାମଣା ସ୍ୱାକ୍ଷର ହେଲେ ଶିଳ୍ପ, କୃଷି ଓ ଗୋପାଳନ ଉପରେ ନକାରାତ୍ମକ ପ୍ରଭାବ ସହ ଶ୍ରମିକଙ୍କ ରୋଜଗାର ପ୍ରଭାବିତ ହେବ। ମଞ୍ଚର ଜିଲା ସଂଯୋଜକ ମନୋରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସ୍ମାରକପତ୍ର ଦିଆଯିବା ବେଳେ ରବିନାରାୟଣ ମିଶ୍ର, ସୌମେନ୍ଦ୍ର ସ୍ୱାଇଁ, ଶେଷାଦ୍ରୀ ପାଣିଗ୍ରାହୀ, ଜାମି ସନ୍ତୋଷ, ମନ୍ମଥ ପାଢ଼ୀ, କେଶବ ପଟ୍ଟନାୟକ ଉପସ୍ଥିତ ଥିଲେ।

■ ଦାରିଙ୍ଗବାଡି ବ୍ଲକ ଅଧକ୍ଷାଙ୍କ ସଭ୍ୟପଦ ରଦ୍ଦ ଘଟଣା

# ଉଚ୍ଚ ନ୍ୟାୟାଳୟରୁ ମିଳିଲା ରହିତାଦେଶ

ଦାରିଙ୍ଗବାଡ଼ି,୧୫।୧୦(ଡି.ଏନ.ଏ)

୨ରୁ ଅଧିକ ସନ୍ତାନ ଥିବାରୁ ଦାରିଙ୍ଗବାଡି ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା। ଏହି ଘଟଣାରେ ତାଙ୍କୁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରହିତାଦେଶ ମିଳିଥିବା ଅଧକ୍ଷା ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଚଳିତ ୧ତାରିଖ ମଙ୍ଗଳବାର ତାଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା। ଅଧକ୍ଷାଙ୍କ ୨ରୁ ଅଧିକ ସନ୍ତାନ ଥିବା ଆଗତ ଏକ ମାମଲାର ବିଚାର କରି ଜିଲା ଦୌରାଜଜ୍ ଗୌତମ ଶର୍ମା ଏହି ରାୟ ଶୁଣାଇଥିଲେ। ଏନେଇ ସେ ଉଚ୍ଚ ନ୍ୟାୟାଳୟରେ ଅପିଲ କରିଥିଲେ। ଏହାର ଶୁଣାଣି ମଙ୍ଗଳବାର ହୋଇଥିବା ସୁବେନ୍ତୀ ଏବଂ ତାଙ୍କ ସ୍ୱାମୀ ତଥା ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି। ରହିତାଦେଶ ଖବରପାଇ ଦାରିଙ୍ଗବାଡ଼ି ବ୍ଲକ ଅଧକ୍ଷାଙ୍କ



ସୁବେନ୍ତୀଙ୍କ ସମର୍ଥକ ଖୁସି ମନାଉଛନ୍ତି।

ସମର୍ଥକ ବାଣ ଫୁଟାଇ ଖୁସି ମନାଇଥିଲେ।

ପ୍ରକାଶ ଯେ, ୨୦୧୭ ନିର୍ବାଚନରେ ଶ୍ରାନିକେତା ପଞ୍ଚାୟତ ସମିତିସଭ୍ୟା ଭାବେ ସୁବେନ୍ତୀ ନିର୍ବାଚିତ ହୋଇଥିଲେ। ପରେ ସେ ବ୍ଲକ ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ସୁବେନ୍ତୀଙ୍କର ୬ଟି ସନ୍ତାନ ଥିବା ଦର୍ଶାଇ ବ୍ଲକ ଅଧକ୍ଷା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତାଜୁଙ୍ଗିଆ ସମିତିସଭ୍ୟା ରୁଦା ମଲ୍ଲିକ ୨୦୧୭ ଜୁଲାଇରେ ଜିଲା କୋର୍ଟରେ ଏକ ନିର୍ବାଚନୀ ମାମଲା ଦାଏର କରିଥିଲେ। ପଞ୍ଚାୟତ ଆଇନ ଅନୁଯାୟୀ ୨ ରୁ ଅଧିକ ସନ୍ତାନ ଥିବାରୁ ସୁବେନ୍ତୀଙ୍କ ସଭ୍ୟପଦ ରଦ୍ଦ କରାଯାଇଥିଲା। ଏନେଇ ସୁବେନ୍ତୀ ହାଇକୋର୍ଟରୁ ରହିତାଦେଶ ଆଣିଥିଲେ। ୨ମାସ ତଳେ ହାଇକୋର୍ଟ ରହିତାଦେଶ ଉଠାଇ ମାମଲାର ବିଚାର କରିବାକୁ ଜିଲା ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ୧୯୯୫ରେ ୨ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି ନିୟମ କରିଥିଲେ। ସୁବେନ୍ତୀଙ୍କର ୧୯୯୬ରେ ଷଷ୍ଠ ସନ୍ତାନ ଜନ୍ମ ହୋଇଛି। ତେଣୁ ତାଙ୍କ ସଭ୍ୟାପଦ ଅବୈଧ ବୋଲି ବିଚାରପତି ରାୟ ଶୁଣାଇଥିଲେ। ଜିଲା ଦୌରାଜଜ୍‌ଙ୍କ ନିର୍ଦ୍ଦେଶପରେ ମଧ ଅଧକ୍ଷାଙ୍କୁ ତାଙ୍କ ପଦବୀରୁ ହଟାଯାଇ ନ ଥିଲା। ସୋମବାର ବ୍ଲକ ଉପାଧକ୍ଷ ରମାକାନ୍ତ ବଳିଆରସିଂଙ୍କ ସମେତ ଅନ୍ୟ ସମିତି ସଭ୍ୟାସଭ୍ୟ ସ୍ଥାନୀୟ ବିଡିଓଙ୍କ ନିକଟରେ ଲିଖିତ ଭାବେ ଜଣାଇବା ସହ ତୁରନ୍ତ ଅଧକ୍ଷାଙ୍କ ସ୍ଥାନରେ ଉପାଧକ୍ଷ ରମାକାନ୍ତ ବଳିଆରସିଂଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଥିଲା।

ପମ୍ପ ହାଉସରୁ କେବୁଲ ଚୋରି

# ଜଳ ଯୋଗାଣ ଠପ୍



ପମ୍ପ ହାଉସ ତାଲା ଭାଙ୍ଗି ଚୋରି।

ହିଞ୍ଜିଳିକାଟୁ,୧୫।୧୦(ଡ଼ି.ଏନ୍.ଏ)

ହିଞ୍ଜିଳିକାଟୁ ଜନସ୍ୱାସ୍ଥ୍ୟ ବିଭାଗ ଘୋଡ଼ାହାଡ଼ ନଦୀ ପାଣି ପମ୍ପ ହାଉସରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ବିଦ୍ୟୁତ୍ କେବୁଲ ଚୋରି କରିଛନ୍ତି। ଏଥିପାଇଁ ପୌରାଞ୍ଚଳର ଆଙ୍କୋରଡ଼ା, ବଇଁଚବଣିଆ ଅଞ୍ଚଳର ପ୍ରାୟ ୨ଶହ ଘରକୁ ମଙ୍ଗଳବାର ପିଇବା ପାଣି ଯୋଗାଣ ବନ୍ଦ ରହିଛି। ଦୁର୍ବୃତ୍ତ ପାଣି ପମ୍ପ ହାଉସର ତାଲା ଭାଙ୍ଗି ମେଇନ ସୁଇଚ ଓ ମୋଟରକୁ ଲାଗିଥିବା କେବୁଲ ତାରକୁ ଚୋରାଇ ନେଇଥିବା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀଧର ଦାସ ହିଞ୍ଜିଳି ଥାନାରେ ଅଭିଯୋଗ କହିଛନ୍ତି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ କୌଣସି ଲିଖିତ ଅଭିଯୋଗ ହୋଇ ନ'ଥିବା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି। ଏକ ମାସ ତଳେ ମଧ ଉକ୍ତ ପମ୍ପ ହାଉସରୁ ବାହାର ପଟୁ ବିଦ୍ୟୁତ୍ ତାର ଚୋରି ହୋଇଥିଲା।

ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡର ଚଢ଼ାଉ

# ଧରାପଡ଼ିଲା ଶିକ୍ଷକ, କର୍ମଚାରୀଙ୍କ ଅନୁପସ୍ଥିତି

ଦିଗପହଣ୍ଡି,୧୫।୧୦(ଡି.ଏନ.ଏ.)

ଦିଗପହଣ୍ଡି ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସ୍ଥାନୀୟ ବଡ଼ଖେମୁଣ୍ଡି ହାଇସ୍କୁଲ ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁଙ୍କ ସମେତ ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ, ରତ୍ନାକର ସ୍ୱାଇଁ, ଶ୍ରୀକାନ୍ତ ମହାରଣା, ଭଗବାନ ପାତ୍ର ପ୍ରମୁଖ ସାମିଲ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଉଦଗାତାଙ୍କ ଉପସ୍ଥିତିରେ ଦୈନିକ ଉପସ୍ଥାନ ଖାତା ଯାଞ୍ଚ କରାଯାଇଥିଲା। ସହକାରୀ ଶିକ୍ଷକ କାଳୀ ଚରଣ ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ଏମ୍.ଗୌରାଙ୍ଗ, କିରାଣି ଶଶି ଭୂଷଣ ପ୍ରଧାନ ଅନୁପସ୍ଥିତ ଥିବା ବେଳେ ଶିକ୍ଷକ ଏ.ଭଗବାନ ପାତ୍ର ଉପସ୍ଥିତ ଥିଲେ ମଧ ଉପସ୍ଥାନ ଖାତାରେ ତାଙ୍କ ଦସ୍ତଖତ ନ ଥିଲା। ପୂର୍ବ ଅଭିଯୋଗ ଅନୁଯାୟୀ କମ୍ପ୍ୟୁଟର ଓ ସାଇନ୍ସ ଲ୍ୟାବରେ ଦେଢବର୍ଷ ହେଲା ତାଲା ଝୁଲୁଥିବା ତହସିଲଦାର



ଉପସ୍ଥାନ ଖାତା ଯାଞ୍ଚ କରୁଛନ୍ତି ତହସିଲଦାର।

ଦେଖିଥିଲେ। ଲ୍ୟାବର ଚାବି ମଧ ପ୍ରଧାନଶିକ୍ଷକଙ୍କ ପାଖରେ ନ ଥିବା ସେ କହିଥିଲେ। କିଛି ଛାତ୍ରଙ୍କୁ ପଚାରିବାରୁ ସେମାନେ ଲାଇବ୍ରେରୀ କେବେ ଦେଖି ନ ଥିବା କହିଥିଲେ। ପରେ ହାଇସ୍କୁଲ ପରିସରରେ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସ୍କ୍ୱାଡ ଯାଇଥିଲେ। ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ଅନୁପସ୍ଥିତିରେ ଉପସ୍ଥାନ ଖାତା ଯାଞ୍ଚ କରିବାରୁ ମୁଖ୍ୟ କିରାଣି ଶ୍ରୀନିବାସ ପଣ୍ଡା, ସହକାରୀ କିରାଣି ଶ୍ରୀକାନ୍ତ ମହାପାତ୍ର, ଆକାଉଣ୍ଟାଣ୍ଟ ରଣଜିତ୍ ପଟ୍ଟନାୟକ, ବ୍ଲକ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଅନୁପସ୍ଥିତ ଥିବା ଜଣାପଡିଥିଲା। ବ୍ଲକ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଦ୍ୱୟ ବିଭିନ୍ନ ସ୍କୁଲ ଗୁଡିକୁ ମନିଟରିଂ ଟୁରରେ ଯାଇଥିବା ଜଣାପଡିଥିଲା। ତହସିଲଦାର ସ୍କୁଲର ଶୌଚାଳୟ ଓ ଶ୍ରେଣୀଗୃହ ବୁଲି ଦେଖିଥିଲେ। ୧୦ମ ଶ୍ରେଣୀ ଛାତ୍ରମାନଙ୍କୁ ସେ ଇଂରାଜୀ ଗ୍ରାମାର ପଢ଼ାଇବା ସହ ବିଭିନ୍ନ ସରଳ ପ୍ରଶ୍ନ ପଚାରି ଉତ୍ତର ବୁଝିଥିଲେ।

■ଜାତୀୟ ଓପନ୍ ଆଥଲେଟିକ୍ ଚାମ୍ପିୟନଶିପ୍

### ରମେଶ ସ୍ୱାଇଁ ବୈଷୟିକ ଅଧିକାରୀ

ଦାମନଯୋଡ଼ି,୧୫।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)

ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଭାରତୀୟ ଆଥଲେଟିକ୍ ଫେଡେରେଶନ ଦ୍ୱାରା ଆୟୋଜିତ ୫୯ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍ ଚଳିତ ମାସ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଫେଡେରେଶନର ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦାମନଯୋଡ଼ି ଟାଉନଶିପ୍ ସରସ୍ୱତୀ ବିଦ୍ୟାମନ୍ଦିରର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ବୈଷୟିକ ଅଧିକାରୀ ଭାବେ ଯୋଗଦେଇ ଫେରିଛନ୍ତି। ଶଟ୍‌ପୁଟ୍, ହାମର ଥ୍ରୋ, ଜାଭେଲିନ ଓ ଡିସ୍କସ୍ ଥ୍ରୋ ବିଭାଗର ଜଜ୍ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ସ୍ୱାଇଁ ଏହା ପୂର୍ବରୁ ଏସିଆନ୍ ଆଥଲେଟିକ୍ ଚାମ୍ପିୟନ୍‌ସିପ୍ ଓ ଜାତୀୟ ଆଥଲେଟିକ ଚାମ୍ପିୟନଶିପ୍‌ରେ ବହୁବାର ବୈଷୟିକ ଅଧିକାରୀ ଦାୟିତ୍ୱ ତୁଲାଇଛନ୍ତି। ଏଥିପାଇଁ ତାଙ୍କୁ ଜିଲା ଆଥଲେଟିକ ସଂଘ ସମ୍ପାଦକ ଅନୁପ ପାତ୍ର, ଜୟପୁର ଉପଖଣ୍ଡ ଆଥଲେଟିକ୍ ସଂଘ ସମ୍ପାଦକ ରବି ନାୟକ ତଥା ବିଦ୍ୟାମନ୍ଦିରର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି ।




# ବରିଷ୍ଠ ନାଗରିକଙ୍କୁ ମିଳିଲା ପରିଚୟପତ୍ର

କୋଲାବନଗର,୧୫।୧୦(ଡି.ଏନ୍.ଏ.)

କୋରାପୁଟ ସଦର ଥାନା ଅନ୍ତର୍ଗତ କୋଲାବନଗର ବରିଷ୍ଠ ନାଗରିକ ସଂଗଠନର ବରିଷ୍ଠ ନାଗରିକଙ୍କୁ କୋରାପୁଟ ସଦରଥାନା ପରିଚୟପତ୍ର ପ୍ରଦାନ କରିଛି। ସଦରଥାନା ଓ କୋଲାବନଗର ଫାଣ୍ଡି ପକ୍ଷରୁ ଆୟୋଜିତ ସଭାରେ ସଦରଥାନା ଭାରପ୍ରାପ୍ତ ଅଧିକାରୀ ସମର୍ପିତା ସ୍ୱାଇଁ ଅଧକ୍ଷତା କରି ବରିଷ୍ଠ ନାଗରିକଙ୍କ ନିରାପତ୍ତା ଓ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ୪୦ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିବା ବେଳେ ୨୦ ଜଣଙ୍କୁ ଥାନା ଅଧିକାରୀ ସ୍ୱାଇଁ ପରିଚୟପତ୍ର ଦେଇଥିଲେ। ସଦରଥାନାରୁ ଆସିଥିବା ଏସ୍.କେ. ସାମଲ, ଏମ୍. ପ୍ରଧାନ ଏଥିରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କୁ ଶୀଘ୍ର ପରିଚୟପତ୍ର ଦିଆଯିବ ବୋଲି ଥାନାଧିକାରୀ କହିଥିଲେ। କୋଲାବନଗର ବରିଷ୍ଠ ନାଗରିକ ସଂଗଠନର ସଭାପତି ଇଂ ଦୟାନିଧି ବାରିକ, ସମ୍ପାଦକ ସତ୍ୟ ନାରାୟଣ ଦଳାଇ ଓ ଉପଦେଷ୍ଟା ଜିତେନ୍ଦ୍ର କୁମାର ଜେନା ସଭାରେ ବକ୍ତବ୍ୟ ରଖିଥିଲେ। କୋଲାବ ଫାଣ୍ଡି ଅଧିକାରୀ ଅର୍ଜୁନ ବାଙ୍କିଆ ସହଯୋଗ କରିଥିଲେ।




କୋଲାବନଗରରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଉଛି।

# ଶାନ୍ତି ସଂହତି ସଦ୍‌ଭାବନା ଯାତ୍ରା

ଦାମନଯୋଡ଼ି,୧୫।୧୦(ସ୍ୱ.ପ୍ର.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଯୁବା ସଂଗଠନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ (ଓଡ଼ିଶା) ଓ ରାଜୀବ ଗାନ୍ଧୀ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଶାନ୍ତି–ସଂହତି ସଦ୍‌ଭାବନା ଯାତ୍ରା ସୋମବାର ଦାମନଯୋଡ଼ିରେ ପହଞ୍ଚିଛି। ଭେଜାପୁଟର ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏହି ଯାତ୍ରାକୁ ସ୍ୱାଗତ କରାଯାଇଥିଲା। ପରେ ଭେଜାପୁଟ ଶିବମନ୍ଦିର ପ୍ରାଙ୍ଗଣରେ ପଥପ୍ରାନ୍ତ ନାଟକ 'ଏକ ଅଚିହ୍ନା ଶବ' ପରିବେଷିତ ହୋଇଥିଲା। ଡ. ବିଶ୍ୱଜିତ ଗାନ୍ଧୀଙ୍କ ସ୍ୱପ୍ନର ଭାରତ ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ବାର୍ତ୍ତା ଦେଇଥିଲେ । ଏହି ଯାତ୍ରାରେ କ୍ରିଷ୍ଣା ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ, ରାଜୀବ ଗାନ୍ଧୀ ଫାଉଣ୍ଡେଶନର ମନୋଜ ମିଶ୍ର ଓ କୃଷ୍ଣ ସିଂ ସାମିଲ ଥିଲେ। ପଥପ୍ରାନ୍ତ ନାଟକ ପରେ ଅତିଥିଙ୍କ ସହ ନାଲ୍‌କୋ ଇଡି ରବିଶଙ୍କର ଦାସ ନାଲ୍‌କୋ ଟାଉନଶିପ୍ ସ୍ଥିତ ଗାନ୍ଧୀ ପାର୍କରେ ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ନାଲ୍‌କୋ କମ୍ୟୁନିଟି ସେଣ୍ଟରରେ ସଭା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ ପାଢ଼ୀ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଜଲେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ, ଅଶୋକ ମହାନ୍ତି ମଞ୍ଚ ସଂଯୋଜନା, ପୀତାମ୍ବର ସାହୁ ଧନ୍ୟବାଦ ଦେଇଥିଲେ।

# ଡୁଡୁମାରୁ ପ୍ରଜ୍ୱଳିତ ହେବ 'ପରବ' ମଶାଲ

ଲମତାପୁଟ,୧୫।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକର ପର୍ଯ୍ୟଟନସ୍ଥଳୀ ଡୁଡୁମା ଜଳପ୍ରପାତ ନିକଟସ୍ଥ ପାତାଳଶ୍ୱରୀ ମନ୍ଦିରରୁ ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ପରବ'ର ମଶାଲ ପ୍ରଜ୍ୱଳିତ ହେବ। ସେହିଠାରୁ ଏହାର ଶୁଭାରମ୍ଭ ହୋଇ ମଶାଲ ଜିଲାବ୍ୟାପୀ ପରିଭ୍ରମଣ କରିବ। ଲମତାପୁଟ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ତ୍ରିନାଥ ମାଝିଙ୍କ ନେତୃତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଚିକନପୁଟ ପଞ୍ଚାୟତ ବାରଙ୍ଗାବାଡ଼ି ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ହେବ। ଏଥିରେ ଜିଲାପାଳଙ୍କ ସମେତ ଏମ୍‌ପି, ବିଧାୟକ ଯୋଗଦେବେ। ପ୍ରସ୍ତୁତି ବୈଠକରେ କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ବିହନ ନିଗମ ଅଧକ୍ଷ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ ଉପସ୍ଥିତ ଥିଲେ।

# ବାଣ ବେପାରୀଙ୍କୁ ଲାଇସେନ୍ସ ପାଇଁ ହାତଗୁଞ୍ଜା

ଜୟପୁର,୧୫।୧୦(ନି.ପ୍ର.)

■ ଅନିୟମିତତା ରୋକିବ ଉପଖଣ୍ଡ ପ୍ରଶାସନ

■୧୯ରେ ଉପଜିଲାପାଳଙ୍କ ଦ୍ୱାରା ବସିବ ବୈଠକ

ଦୀପାବଳୀ ୨୭ ତାରିଖରେ ଥିବାବେଳେ ବାଣ ଦୋକାନ ଖୋଲିବା ପାଇଁ ବେପାରୀଙ୍କୁ ଲାଇସେନ୍ସ ଦେବାକୁ କେତେକ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ହିସାବ ଆରମ୍ଭ କରିଦେଲେଣି। କାହାଠାରୁ କେତେ ଆଦାୟ କରାଯିବ, ତାର ହିସାବ। ଏହାକୁ ରୋକିବା ପାଇଁ ଉପଖଣ୍ଡ ପ୍ରଶାସନ ତତ୍ପରତା ଦେଖାଇଛି। ଆସନ୍ତା ୧୯ରେ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଅଧକ୍ଷତାରେ ଏନେଇ ବୈଠକ ବସିବ। ଏଥିରେ ପୋଲିସ, ପୌର ନିର୍ବାହୀ ଅଧିକାରୀ, ଦମକଳ ବିଭାଗ ଉପସ୍ଥିତ ରହିବେ। କୋରାପୁଟ ଜିଲାକୁ ସାଧାରଣତଃ ଆନ୍ଧ୍ର ଓ ଛତିଶଗଡ଼ର ରାୟପୁରରୁ ବାଣ ଆସେ। ତେବେ ବାଣ ବିକୁଥିବା ୩୦ ଭାଗ ବେପାରୀ ହାତଗୁଞ୍ଜା ଦେଇ ଲାଇସେନ୍ସ ଆଣୁଛନ୍ତି ଓ ନିଜ ଇଚ୍ଛା ଅନୁସାରେ ଚଢ଼ାଦରରେ ବାଣ ବିକୁଛନ୍ତି। ଜୟପୁରରେ ପ୍ରତିବର୍ଷ ୧ କୋଟିରୁ ଅଧିକ ଟଙ୍କାର ବାଣ ବେପାର ହୁଏ। ସହରରେ ୨ଟି ସ୍ୱୀକୃତିପ୍ରାପ୍ତ ହୋଲସେଲ୍ ବାଣ ବେପାରୀ ରହିଛନ୍ତି। ଏମାନଙ୍କଠାରୁ ବିକ୍ରିକର ବିଭାଗର କର୍ମଚାରୀ ଟିକସ ଫାଙ୍କିବା ପାଇଁ ହାତଗୁଞ୍ଜା ସହ ମାଗଣାରେ ବାଣ ନେଉଛନ୍ତି। ଜୟପୁର ସହରରେ ୪୦ରୁ ଅଧିକ ଅସ୍ଥାୟୀ ଷ୍ଟଲ ଖୋଲାଯାଇଥାଏ। ବାଣ ଫୁଟିବାର ଶବ୍ଦ ୧୨୫ ଡେସିବଲ ଭିତରେ ରହିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବାଣ ପ୍ୟାକେଟ୍ ଉପରେ ସାଉଣ୍ଡ ଲେବଲ, ବାଣର ଉପାଦାନ, ଭାରତୀୟ ଷ୍ଟାଣ୍ଡାର୍ଡ ବ୍ୟୁରୋ ସ୍ୱୀକୃତି ନ ଥିଲେ ତାହା ବିକ୍ରି ନ ହେବା ନିର୍ଦ୍ଦେଶ ରହିଛି। କିନ୍ତୁ ସରକାରୀ କର୍ମଚାରୀ ହାତଗୁଞ୍ଜା ନେଇ ଏସବୁ ନ ଥିବା ବାଣକୁ ବିକିବା ପାଇଁ ବାଟ ଖୋଲିଦେଉଛନ୍ତି। ଉପଖଣ୍ଡ ପ୍ରଶାସନ ଏହାକୁ ରୋକିବା ପାଇଁ ନିଷ୍ପତ୍ତି ନେଇଛି।

# ପଟ୍ଟାକୁ ଚାହିଁ ଆଖିବୁଜିଲେ ବୃଦ୍ଧା

ପୁରୁଷୋତ୍ତମପୁର, ୧୫।୧୦(ଡି.ଏନ.ଏ.)

ମିଳିଲାନି ଆବାସ ଯୋଜନାରେ ଘର



ମୃତ ସୂର୍ଯ୍ୟମଣି ସାହୁଙ୍କ ଫାଇଲ ଫଟୋ।



ଦିବ୍ୟାଙ୍ଗ ପୁଅ।

ସରକାର ଗରିବ ବାସହୀନଙ୍କୁ ଘରବାରି ପଟ୍ଟା ପ୍ରଦାନ ପାଇଁ ଘୋଷଣା କରିଛନ୍ତି। ଏଥିଲାଗି ପ୍ରଶାସନକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପୁରୁଷୋତ୍ତମପୁରରେ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରିଛି ପ୍ରଶାସନ। ଜାଗା ଖଣ୍ଡିଏ ଲାଗି ପ୍ରଶାସନର ନିକଟକୁ ଦୌଡ଼ି ଦୌଡ଼ି ସୋମବାର ଆଖି ବୁଜିଛନ୍ତି ନିଃସହାୟ ବିଧବା ସୂର୍ଯ୍ୟମଣି ସାହୁ (୭୦)। ତାଙ୍କ ମୃତ୍ୟୁ ପରେ ବର୍ତ୍ତମାନ ଏକା ହୋଇ ପଡିଛନ୍ତି ତାଙ୍କର ଦିବ୍ୟାଙ୍ଗ ପୁଅ କୃଷ୍ଣ ଓରଫ ବୁଢୁ (୪୦)। କୃଷ୍ଣର ଥଇଥାନ ଲାଗି ସରକାର ଓ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂର୍ଯ୍ୟମଣିଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କ ସ୍ୱାମୀଙ୍କ ମଧ ମୃତ୍ୟୁ ଘଟିଛି। ଘର ନ ଥିବାରୁ ସେ ବାସହରା ହୋଇ ଜୀବନ କାଟୁଥିଲେ। ୧୯୮୪ରେ ତତ୍କାଳୀନ ତହସିଲଦାର ଏମ୍. ବାଳକୃଷ୍ଣ ରାଓ ବ୍ରହ୍ମପୁର-ପୁରୁଷୋତ୍ତମପୁର ରାସ୍ତାର ଚାଉଁଡିଆପଦର ସାହି ନିକଟରେ ଏକ ସରକାରୀ ଜାଗା ଯୋଗାଇ ଦେଇଥିଲେ। ସେଠାରେ ସେ ଝାଟିମାଟି ଘର ତିଆରି କରି ରହୁଥିଲେ। କିନ୍ତୁ ୧୯୯୦ ବନ୍ୟାରେ ତାହା ଭାଙ୍ଗି ଯାଇଥିଲା। ତେଣୁ ଜମି ପଟ୍ଟା ଯୋଗାଇ ଦେବାକୁ ସୂର୍ଯ୍ୟମଣି ଦୀର୍ଘବର୍ଷ ହେଲା ଏନ୍‌ଏସି ପ୍ରଶାସନଠାରୁ ଆରମ୍ଭ କରି ତହସିଲଦାର, ବିଡିଓ, ଥାନା, ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ମୁଖ୍ୟମନ୍ତ୍ରୀ ପୁରୁଷୋତ୍ତମପୁର ଆସିଥିବା ସମୟରେ ଭେଟି ଗୁହାରି କରିଥିଲେ। ମାତ୍ର ଏହାକୁ କେହି ମଧ ଗୁରୁତ୍ୱ ଦେଲେନାହିଁ। ଜମି ପଟ୍ଟାକୁ ଚାହିଁ ଚାହିଁ ଶେଷରେ ଆଖି ବୁଜିଛନ୍ତି ସୂର୍ଯ୍ୟମଣି। ବର୍ତ୍ତମାନ ତାଙ୍କର ଦିବ୍ୟାଙ୍ଗ ପୁଅ ବେସାହାରା ହୋଇ ପଡିଛନ୍ତି। ତାଙ୍କୁ ଥଇଥାନ କରିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ତହସିଲଦାର ଅରୁଣ କୁମାର ନାୟକଙ୍କ ସହ ଯୋଗାଯୋଗ କରିବାରୁ ବୃଦ୍ଧା ମହିଳାଙ୍କୁ ବହୁ ସ୍ଥାନରେ ଜାଗା ଦେଖାଗଲା, ମାତ୍ର ସେ ନେଲେ ନାହିଁ। ସେ ଯେଉଁ ଜାଗାର ପଟ୍ଟା ପାଇଁ ଦାବି କରୁଥିଲେ ତାହା ରାସ୍ତା କିସମ ହୋଇଥିବାରୁ ପ୍ରଦାନ କରିବା ସମ୍ଭବ ପର ନୁହେଁ। ତହସିଲ ପକ୍ଷରୁ ମୃତ ମହିଳାଙ୍କ ପୁଅଙ୍କୁ ୨ ହଜାର ଟଙ୍କା ସହାୟତା ଦିଆଯାଇଛି ବୋଲି ସେ କହିଛନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ଏ.ନାଗେଶ୍ୱର ରାଓ କହିଛନ୍ତି ଯେ, ଛତ୍ରପୁର ଉପଜିଲାପାଳଙ୍କ ସହ ଆଲୋଚନା କରି କୃଷ୍ଣଙ୍କ ଥଇଥାନ ବ୍ୟବସ୍ଥା ଲାଗି ପଦକ୍ଷେପ ନିଆଯିବ।

